## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲାରେ ଯୁବକ ଗିରଫ

ବୁଗୁଡ଼ା,୩।୭(ଡି.ଏନ.ଏ.): ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୧୧ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ମାମଲାରେ ପୋଲିସ ବୁଧବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲକୁ ପଠାଇଯାଇଛି। ଗିରଫ ଯୁବକ ହେଲେ ବୁଗୁଡ଼ା ଥାନା ମାଧପଲ୍ଲୀ ଗ୍ରାମର ସୁରେନ୍ଦ୍ର ପ୍ରଧାନ। ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ. ୧୨୯/୧୯ରେ ଏକ ବଳାତ୍କାର ମାମଲା ରୁଜୁ କରିଛି।
ଅଭିଯୋଗ ଅନୁଯାୟୀ, ନାବାଳିକା ଘରେ ପାଠ ପଢୁଥିବା ବେଳେ ସୁରେନ୍ଦ୍ର ତାଙ୍କୁ ଉଠାଇ ଆଣି ସୋମବାର ରାତି ୮ଟାରେ ମଶାଣି ନିକଟରେ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ସୁରେନ୍ଦ୍ରଙ୍କ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଥିଲା। ଭଞ୍ଜନଗର ମେଡିକାଲରେ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

### ମୋବାଇଲ ଚୋରି ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୩।୭(ଡି.ଏନ.ଏ.): ବୁଗୁଡ଼ା ବଡ଼ଦାଣ୍ଡ ସାହିର ଜନୈକ ଘରୁ ମୋବାଇଲ ଚୋରି କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ବୁଧବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବୁଗୁଡ଼ାର ବଳରାମ ନାୟକ। ତାଙ୍କଠାରୁ ପୋଲିସ ଚୋରି ମୋବାଇଲ ଜବତ ହୋଇଛି। ଏ ନେଇ ନଂ. ୧୮୫/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ଗତବର୍ଷ ବୁଗୁଡ଼ା ବଡ଼ଦାଣ୍ଡ ସାହିର ଦୁର୍ଗା ମିଶ୍ରଙ୍କ ଘରୁ ମୋବାଇଲ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ପରେ ମୋବାଇଲ ଚୋରି କରିଥିବା ଯୁବକଙ୍କୁ ଗିରଫ କରିଛି।

### ଜିଲାପାଳଙ୍କୁ ଅଭିଯୋଗ କଲେ ଏଜେଣ୍ଟ

ବୁଗୁଡ଼ା,୩।୭(ଡି.ଏନ.ଏ.): ସାହାରା ଇଣ୍ଡିଆ ଗ୍ରୁପ କମ୍ପାନୀ ଅଧୀନରେ ଥିବା ବୁଗୁଡ଼ାସ୍ଥିତ ସାହାରା ବ୍ୟାଙ୍କ କାର୍ଯ୍ୟାଳୟରୁ ଜମା ଟଙ୍କା ମିଳୁନାହିଁ। ଏ ନେଇ କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା (ଏଜେଣ୍ଟ)ମାନେ ଗଞ୍ଜାମ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ କମ୍ପାନୀର ଉପରିସ୍ଥ ଅଧିକାରୀମାନଙ୍କୁ ମଧ ସେମାନେ ଜଣାଇଛନ୍ତି। ୨୦୧୪ ପରଠାରୁ କମ୍ପାନୀ ଜମାକାରୀଙ୍କ ଟଙ୍କା ଫେରାଇ ନ ଥିବାରୁ ସେମାନେ ଅସୁବିଧାରେ ପଡ଼ିବା ସହ ଏଜେଣ୍ଟମାନେ ବିଭିନ୍ନ ସମୟରେ ସେମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି। ଏଥିପାଇଁ ଏଜେଣ୍ଟମାନେ ଘରେ ନ ରହି ଲୁଚିଛପି ରହୁଛନ୍ତି। ଏ ନେଇ କମ୍ପାନୀର ଅଧିକାରୀମାନଙ୍କୁ ଜଣାଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ। ତେଣୁ ସମସ୍ୟାର ସମାଧାନ କରିବା ପାଇଁ ଏଜେଣ୍ଟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବୁଗୁଡ଼ା ଶାଖା ପରିଚାଳକ ଯୁଧିଷ୍ଠିର ମହାରଣାଙ୍କୁ ପଚାରିବାରୁ ଏ ମାମଲା ସୁପ୍ରିମକୋର୍ଟରେ ଅଛି। ହେଲେ ମଧ ଯାହା ଅର୍ଥ ଆସିଲା କିଛି କିଛି ଦିଆଯାଇ ପ୍ରତିକାର କରିବାରେ ଉଦ୍ୟମ କରୁଛୁ ବୋଲି କହିଛନ୍ତି।

### ବ୍ୟବସାୟୀଙ୍କ ଘରେ ପଶି ଲୁଟ

ଦିଗପହଣ୍ଡି,୩।୭(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତା କଡ଼ରେ ତେଜରାତି ଦୋକାନ କରିଥିବା ବ୍ୟବସାୟୀ ୟୁ.କୈଳାଶ ପାତ୍ରଙ୍କ ଘରେ ପଶି ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୨ ଭରି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କୈଳାଶଙ୍କ ଏତଲା କ୍ରମେ ଭାରପ୍ରାପ୍ତ ଆଇଆଇସି ମଧୁସ୍ମିତା ପ୍ରଧାନ ନଂ. ୧୧୮/୧୯ରେ ମାମଲା ରୁଜୁ କରିଛନ୍ତି। କୈଳାଶଙ୍କ ପରିବାର ସଦସ୍ୟ ରାତିରେ ଖାଇ ଶୋଇଥିଲେ। ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘରେ ପଶି ତାଙ୍କ ସ୍ତ୍ରୀଙ୍କ ବେକରୁ ୨ ଭରି ସୁନାହାର ସମେତ ଦୋକାନ ଆଲମିରାରୁ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ସକାଳେ ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ କିଛି ସଫଳତା ମିଳିନାହିଁ। ଦିଗପହଣ୍ଡି ସହର ତଥା ଆଖପାଖ ଅଞ୍ଚଳରେ ଚୋରମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢି ଚାଲିଥିବା ବେଳେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

■ ଗଞ୍ଜାମ ଜିଲା ପରିଷଦ ଇତିହାସରେ ଦ୍ୱିତୀୟ

# ଅଧ୍ୟକ୍ଷା, ଉପାଧ୍ୟକ୍ଷା ପଦବୀରେ ଦୁଇ ମହିଳା

ବ୍ରହ୍ମପୁର ଅଫିସ,୩।୭

■ ଆସିକା ସଂସଦୀୟ କ୍ଷେତ୍ରକୁ ବିଜେଡିର ଗୁରୁତ୍ୱ
■ ବିଏମ୍‌ସିରେ ହୋଇଥିଲେ ଦୁଇ ମହିଳା ମେୟର, ଡେପୁଟି ମେୟର

ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ଉପନିର୍ବାଚନ ସରିଛି। ଖଲ୍ଲିକୋଟ ବ୍ଲକର ଜୋନ ନଂ.୧୧ରୁ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡିରୁ ନିର୍ବାଚିତ ସଦସ୍ୟା ସୋନମ ପଲେଇ ନିଦ୍ୱନ୍ଦ୍ୱରେ ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲା ପରିଷଦ ଇତିହାସରେ ଦୁଇ ମହିଳା ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ହେବା ଦ୍ୱିତୀୟ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଅତୀତରେ ଜିଲା ବୋର୍ଡ ଥିଲା। ବହୁ ବର୍ଷ ପରେ ୧୯୯୭ରେ ଜିଲା ପରିଷଦ ନିର୍ବାଚନ ହୋଇଥିଲା। ସମୁଦାୟ ୬୯ ଜୋନରେ ତତ୍କାଳୀନ ଜନତା ଦଳ, କଂଗ୍ରେସ, ଭାଜପା ଓ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ପରିଷଦ ସଭ୍ୟା, ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଂଖ୍ୟା ଗରିଷ୍ଠ ଥିବା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ହେବାରୁ ସେତେବେଳେ ଜନତା ଦଳ, ଭାଜପା ଓ କମ୍ୟୁନିଷ୍ଟ ଏକାଠି ହୋଇଥିଲେ।
ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ରାଜ୍ୟ ସଭା ସଦସ୍ୟ ହେବା ପୂର୍ବରୁ ରେଣୁବାଳା ପ୍ରଧାନ ପରିଷଦର ଅଧ୍ୟକ୍ଷା ଏବଂ ମେଣ୍ଟ ଧର୍ମ ପ୍ରକାରେ ଭାଜପାରୁ ନିର୍ବାଚିତ ସ୍ୱର୍ଗୀୟା ଧରାକୋଟ ରାଣୀ ଶାନ୍ତି ଦେବୀ ଉପାଧ୍ୟକ୍ଷା ହୋଇଥିଲେ। ଦୁଇ ମହିଳା ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ହେବା ଏହା ପ୍ରଥମ। ଅନ୍ୟପକ୍ଷରେ ଗଞ୍ଜାମରେ ଦୁଇ ଲୋକ ସଭା କ୍ଷେତ୍ର ଥିବାରୁ ଅଧ୍ୟକ୍ଷ ପଦ ପାଇଁ ଆରମ୍ଭରୁ ଭାଗବଣ୍ଟା ନୀତି ପ୍ରଚଳିତ ହେଉଛି। ବ୍ରହ୍ମପୁର କ୍ଷେତ୍ରରୁ ଅଧ୍ୟକ୍ଷ ହେଲେ ଆସିକା କ୍ଷେତ୍ରରୁ ହେଉଥିଲେ ଉପାଧ୍ୟକ୍ଷ। ଏହା ୧୯୯୭, ୨୦୦୨, ୨୦୦୭, ୨୦୧୨ ଓ ୨୦୧୭ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ବଳବତ୍ତର ଥିଲା। ଗତ ନିର୍ବାଚନରେ ବ୍ରହ୍ମପୁର କ୍ଷେତ୍ରର ଛତ୍ରପୁର ବ୍ଲକ ୧୯ନଂ ଜୋନରୁ ସଦସ୍ୟ ନିର୍ବାଚିତ ହୋଇଥିବା ବିଜେଡିର ସୁବାସ ଚନ୍ଦ୍ର ବେହେରା ଅଧ୍ୟକ୍ଷ ହୋଇଥିବା ବେଳେ ଆସିକା ଲୋକ ସଭା କ୍ଷେତ୍ରର ପୁରୁଷୋତ୍ତମପୁର ବ୍ଲକର ଜୋନ ନଂ. ୩୬ରୁ ଜିତିଥିବା ସ୍ନେହଲତା ପଣ୍ଡା ଉପାଧ୍ୟକ୍ଷା ହୋଇଛନ୍ତି।
ସୁବାସ ଛତ୍ରପୁର ବିଧାୟକ ନିର୍ବାଚିତ ହେବାରୁ ଅଧ୍ୟକ୍ଷ ଓ ୧୯ନଂ ଜୋନ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ତେଣୁ ଅଧ୍ୟକ୍ଷ ପଦ ପାଇଁ ଉପ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ବିଜେଡିରୁ କିଏ ପ୍ରାର୍ଥୀ ହେବେ ସେ ନେଇ କଳ୍ପନାଜଳ୍ପନା ଚାଲିଥିଲା। ଶେଷ ମୁହୂର୍ତ୍ତରେ ବିଜେଡି ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା କାର୍ଡ ଖେଳି ସୋନମ ପଲେଇଙ୍କୁ ମନୋନୀତ କରିବାରୁ ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଆସିକା ଲୋକ ସଭା କ୍ଷେତ୍ରରୁ ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ହୋଇଥିବାରୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପ୍ରତି ଅଣଦେଖା ପ୍ରଥମଥର କରାଯାଇଛି। ଖୋଲାଖୋଲି କୁହାଯାଉ ନ ଥିଲେ ମଧ ବ୍ରହ୍ମପୁର କ୍ଷେତ୍ରରୁ ପରିଷଦକୁ ନିର୍ବାଚିତ ବିଜେଡି ସଦସ୍ୟା ଓ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।
ସୂଚନାଯୋଗ୍ୟ, ଆସିକା ସଂସଦୀୟ କ୍ଷେତ୍ରକୁ ବିଜେଡି ସଭାପତି ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଗ୍ରାମାଞ୍ଚଳର ଜଣେ ମହିଳା ପ୍ରମିଳା ବିଷୋୟୀଙ୍କୁ ଏମ୍‌ପି କରାଯାଇଥିବା ବେଳେ କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଆସିକାରୁ ମଞ୍ଜୁଳା ସ୍ୱାଇଁ ଓ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରୁ ସୂର୍ଯ୍ୟମଣି ବୈଦ୍ୟ ଏହି ୩ ମହିଳା ବିଧାୟିକା ହୋଇଛନ୍ତି। ଏବେ ପୁଣି ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳର ଦୁଇ ମହିଳା ଜିଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ହୋଇଛନ୍ତି। ୨୦୧୩ ପୌର ନିର୍ବାଚନରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ଦୁଇ ମହିଳା ମେୟର ଓ ଡେପୁଟି ମେୟର ହୋଇଥିଲେ। ବ୍ରହ୍ମପୁର ପୌର ସଂସ୍ଥା ଇତିହାସରେ ମଧ ଏହା ପ୍ରଥମ ଘଟଣା ହୋଇଥିଲା।

# ବିଡିଏ ପକ୍ଷରୁ ଚାରାରୋପଣ


ସିଟି ହାଇସ୍କୁଲ ଖେଳ ପଡ଼ିଆରେ ଚାରାରୋପଣ କରାଯାଉଛି।

ବ୍ରହ୍ମପୁର ଅଫିସ୍,୩।୭

ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବିଡ଼ିଏ ପକ୍ଷରୁ ବୁଧବାର ସିଟି ହାଇସ୍କୁଲ ପଡ଼ିଆରେ ଚାରାରୋପଣ କରାଯାଇଛି। ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଏହାର ନେତୃତ୍ୱ ନେଇଥିଲେ। ସଂଘମିତ୍ରା ଦଳେଇ, ବିଜୟ ଚନ୍ଦ୍ର ସାମଲ, ମଞ୍ଜୁଳା ଦେବୀ, ମମତା ବିଷୋୟୀ, ସୁରେନ୍ଦ୍ର ମହାରଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ରାକେଶ ସାହୁ, ପ୍ରଭୁ ମୁରାର୍କା, କୈଳାସ ବିଷୋୟୀ, ସୁରେନ୍ଦ୍ର ପଟ୍ଟନାୟକ, ବୀରେନ୍ ପଟ୍ଟନାୟକ, ଲୁନା ମହାରଣା, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସବୁଜ ବାହିନୀର ଶିବରାମ ପାଣିଗ୍ରାହୀ, ବନମାଳୀ ପ୍ରଧାନ, ଦିଲୀପ କୁମାର, ସୀମାଞ୍ଚଳ ସାହୁ, ଶଙ୍କର ବେହେରା, ଲୁନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ଆର୍‌ପିଏଫ୍‌ର ସହାୟତା କେନ୍ଦ୍ର



ବ୍ରହ୍ମପୁର ଷ୍ଟେଶନ୍‌ରେ ରେଳ ବିଭାଗର ସହାୟତା କେନ୍ଦ୍ର।

ବ୍ରହ୍ମପୁର ଅଫିସ୍,୩।୭

ରଥଯାତ୍ରା ପାଇଁ ରେଳ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୁରୀକୁ ଯାତାୟାତ କରୁଥିବା ଟ୍ରେନ୍ ସଂଖ୍ୟା ବଢ଼ାଯାଇଛି। ଯାତ୍ରୀଙ୍କ ସଂଖ୍ୟା ବଢ଼ିବା ସମ୍ଭାବନା ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଯାତ୍ରୀ ବଢ଼ିଲେ, ବିଶୃଙ୍ଖଳା ଏବଂ ଅନ୍ୟାନ୍ୟ ସମସ୍ୟା ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ତତ୍ପର ହୋଇପଡ଼ିଛି ରେଳ ସୁରକ୍ଷା ବଳ(ଆର୍‌ପିଏଫ୍)। ବ୍ରହ୍ମପୁର ଷ୍ଟେଶନ୍ ୧ ନମ୍ବର ପ୍ଲାଟ୍‌ଫର୍ମରେ ଆର୍‌ପିଏଫ୍ ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ଏଠାରେ ଯାତ୍ରୀମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି। ଏଡିଏମ୍‌ଓ ଏସ୍. ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ଏସ୍‌ଏମ୍‌ଆର୍ ସି.ପି.ଟି.କେ. ଦାସ, ଡି.ପି. ବ୍ରହ୍ମା, ଏସ୍‌ଆଇ ବାଲାଜୀ ପଣ୍ଡା, ଏଏସ୍‌ଆଇ ବି. ରାମାରାଓ ଏବଂ ଅନ୍ୟ ଆର୍‌ପିଏଫ୍ କର୍ମଚାରୀମାନେ ସହାୟତା କେନ୍ଦ୍ରରେ ନିୟୋଜିତ ହୋଇଛନ୍ତି।

## ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଫେରାର

ବ୍ରହ୍ମପୁର ଅଫିସ,୩।୭

କେ. ନୂଆଗାଁ ଥାନା ଇଲାକାରେ ଜନୈକା ନାବାଳିକାଙ୍କୁ ଭୟଭୀତ କରି ବାରମ୍ବାର ବଳାତ୍କାର କରିବା ପରେ ସେ ଗର୍ଭବତୀ ହେବା ଜାଣି ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି। ଏନେଇ ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୨୧/୧୯ରେ ଏକ ମାମଲା ରୁଜୁ କରିଛି। ପୀଡିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି। ସେ ୮ ମାସର ଗର୍ଭବତୀ ଥିବା ଡାକ୍ତର ରିପୋର୍ଟ ଅନୁଯାୟୀ ପୋଲିସ କହିଛି। ଅଭିଯୁକ୍ତ ଜଣଙ୍କ ଫେରାର ଥିବା ଚିକିଟି ଏସଡ଼ିପିଓ ସୁରେନ୍ଦ୍ରନାଥ ମୁର୍ମୁ କହିଛନ୍ତି।

■ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

# ଅଭିଯୁକ୍ତ ଜେଲ ଗଲେ

ବ୍ରହ୍ମପୁର ଅଫିସ,୩।୭

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରିବା ସହ ତାଙ୍କ ଅଶ୍ଳୀଳ ଫଟୋ ଉଠାଇ ଭାଇରଲ କରିବାକୁ ଧମକ ଦେଇଥିବା ଅଭିଯୋଗରେ ଗୋଷାଣି ନୂଆଗାଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଓଏମପି ଅଞ୍ଚଳରେ ରହୁଥିବା ରାହୁଲ ପରିଚ୍ଛା। ମାମଲା ନଂ. ୬୬/୧୯ ଅନୁସାରେ ରାହୁଲଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଜାମିନ ନା ମଞ୍ଜୁର ହେବାରୁ ରାହୁଲଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ କୋର୍ଟରେ ପୀଡିତାଙ୍କ ବୟାନ ମଧ ରେକର୍ଡ କରାଯାଇଛି। ଅଭିଯୁକ୍ତ ତାଙ୍କ ମୋବାଇଲରେ ଉତ୍ତୋଳନ କରିଥିବା ଅଶ୍ଳୀଳ ଫଟୋକୁ ପୋଲିସ ଜବତ କରିଛି। ପ୍ରକାଶ ଯେ, ରାହୁଲ ତାଙ୍କ ବ୍ରହ୍ମପୁରରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ସେଠାରେ ଜଣେ ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖି ବ୍ଲାକମେଲିଂ କରିବା ଆରମ୍ଭ କରିଥିଲେ। ଛାତ୍ରୀ ଜଣଙ୍କ ଏ ନେଇ ତାଙ୍କ ବାପାଙ୍କୁ ଜଣାଇବାରୁ ସେ ଆସି ଥାନାରେ ଅଭିଯୋଗ କରିଥିଲେ।

■ ବରିଷ୍ଠ ନାଗରିକଙ୍କ ଘରୁ ଡକାୟତି ଘଟଣା

# ୨ ଦିନ ପରେ ବି ମିଳୁନି ସୁରାକ

ବ୍ରହ୍ମପୁର ଅଫିସ,୩।୭

ସଦର ଥାନା ଅନ୍ତର୍ଗତ ବିଜୟ ବିହାରରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ବରିଷ୍ଠ ନାଗରିକ ଏମ.କାନକା ରାଓଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଥିଲା। ଏହି ଘଟଣାର ଦୁଇ ଦିନ ପରେ ବି ପୋଲିସକୁ କୌଣସି ସୁରାକ ମିଳିନି। ଡକାୟତି ନେଇ ଥାନାରେ ନଂ.୧୬୩/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଆସି ଅନୁସନ୍ଧାନ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜ ସଂଗ୍ରହ କରି ପୋଲିସ ଛାନଭିନ ଚଳାଇଥିଲେ ମଧ ଡକାୟତ ଗ୍ୟାଙ୍ଗ ଧରାପଡ଼ି ନାହିଁ। ଡକାୟତକୁ ଧରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଥିବା ସଦର ଏସଡ଼ିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଗତ ପ୍ରାୟ ମାସକ ମଧ୍ୟରେ ସଦର ଥାନା ଇଲାକାରେ ୨ଟି ବଡ଼ ଧରଣର ଲୁଟ ହୋଇଥିଲା। ପ୍ରଥମେ ଜଣେ ଆଇନଜୀବୀଙ୍କ ତାଲା ବନ୍ଦ ଘରେ କଳାକନା ବୁଲାଇଥିଲେ। ଏହାର କିଛିଦିନ ବ୍ୟବଧାନରେ ପୁଣି ଅଞ୍ଚଳରେ ରହୁଥିବା ଜଣେ ଡାକ୍ତରଙ୍କ ତାଲାବନ୍ଦ ଘରକୁ ଟାର୍ଗେଟ କରି ସୁନା ଗହଣା, ମୂଲ୍ୟବାନ ସାମଗ୍ରୀ ଓ ଟଙ୍କା ନେଇଯାଇଥିଲେ। ଏହି ୨ଟି ଘଟଣାରେ ପୋଲିସକୁ ସଫଳତା ମିଳି ନ ଥିବା ବେଳେ ସୋମବାର କାନକା ରାଓଙ୍କ ଘରୁ ଲୁଟ ଘଟଣା ଚାଲେଞ୍ଜ ସଦୃଶ ହୋଇଛି। ପୋଲିସର ଢିଲା ପାଟ୍ରୋଲିଂ ବ୍ୟବସ୍ଥାର ସୁଯୋଗ ନେଇ ଦିନକୁ ଦିନ ଚୋରି ଲୁଟ ଓ ଡକାୟତି ଭଳି ଘଟଣା ବଢ଼ି ଚାଲିଛି ବୋଲି ସାଧାରଣରେ ପ୍ରକାଶ ପାଇଛି। ଯଦ୍ୱାରା ସହରତଳି ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରିବା ସହ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ପୋଲିସ ଧ୍ୟାନ ଦେବାକୁ ଦାବି ହେଉଛି।

## ବିଏମ୍‌ସି କମିଶନରଙ୍କୁ ବିଡିଏ ଉପାଧ୍ୟକ୍ଷ ଦାୟିତ୍ୱ



ବ୍ରହ୍ମପୁର ଅଫିସ,୩।୭: ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜୁନ ୨୯ରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଏହା ଉଲ୍ଲେଖ ରହିଛି। ନିଗମ କମିଶନର ଦାୟିତ୍ୱ ସହ ରାଠୋର ଏଣିକି ବିଡିଏର ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇବାକୁ ରାଜ୍ୟ ଗୃହ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବିଡିଏ ସଚିବ ସମ୍ବିତ ରାଉତ ସୂଚାଇଛନ୍ତି।

ଯୁବ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍

# ଭାରତୀୟ ଦଳରେ ଭକ୍ତରାମ

ବ୍ରହ୍ମପୁର ଅଫିସ,୩।୭



ଭକ୍ତରାମ ଦେହୁରି।

ଅଷ୍ଟ୍ରେଲିଆର ସାମୋଆ ଠାରେ ଆସନ୍ତା ୯ରୁ ୧୪ତାରିଖ ପର୍ଯ୍ୟନ୍ତ ଯୁବ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଭାରତ ମଧ ପ୍ରତିନିଧିତ୍ୱ କରୁଛି। ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସର ଭାରୋତ୍ତୋଳକ ଭକ୍ତରାମ ଦେହୁରି। ସେ ୪୯ କି.ଗ୍ରା ଓଜନ ବର୍ଗରେ ଭାଗ ନେବେ। ଗୁରୁବାର ଭାରତୀୟ ଦଳ ସାମୋଆ ଗସ୍ତ କରିବ। ଗତ ଜାନୁୟାରୀରେ ଅନୁଷ୍ଠିତ ଜାତୀୟ ଶିବିରରେ ଭଲ ପ୍ରଦର୍ଶନ ଯୋଗୁ ଭକ୍ତରାମଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି।
ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ଭକ୍ତରାମଙ୍କ ଘର। ଜୀବନରେ ଜଣେ ସଫଳ ଭାରୋତ୍ତୋଳକ ହେବାକୁ ସେ ଲକ୍ଷ୍ୟ ରଖିଥିଲେ। ୨୦୧୪ରେ ସେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସରେ ଯୋଗଦେଇ ଭାରୋତ୍ତୋଳନ ପ୍ରଶିକ୍ଷଣ ନେଇଥିଲେ। କୋଚ୍ ସୀତା ଜେନା ତାଙ୍କୁ ତାଲିମ୍ ପ୍ରଦାନ କରୁଥିଲେ। ୨୦୧୬ରେ ଜାତୀୟ ୧୭ବର୍ଷରୁ କମ୍ ସ୍କୁଲ ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗନେଇ ଭକ୍ତରାମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ପରେ ୨୦୧୮ ଜାନୁୟାରୀରେ ଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ, ଡିସେମ୍ବରରେ ନାଗପୁରଠାରେ ଅନୁଷ୍ଠିତ ୟୁଥ୍ ଏବଂ ଜୁନିୟର୍ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ ଏବଂ ୨୦୧୯ ଜାନୁୟାରୀରେ ପୁନେଠାରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଭାଗନେଇ ଭକ୍ତରାମ ସମସ୍ତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଏକ ଟଙ୍କାରେ ମିଳିବ ଗୋଟିଏ ଚାରା

ବ୍ରହ୍ମପୁର ଅଫିସ୍,୩।୭

ବ୍ରହ୍ମପୁର ବନଖଣ୍ଡ ତରଫରୁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଚାରା ବିକ୍ରୟ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଗଞ୍ଜାମ ଜିଲା ଏକ ବାତ୍ୟାପ୍ରବଣ ଅଞ୍ଚଳ। ଜିଲାରେ ବ୍ୟାପକ ଚାରାରୋପଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ଚାରା ବିକ୍ରୟ କେନ୍ଦ୍ରରେ ଚାରା ପିଛା ୧ଟଙ୍କା ମୂଲ୍ୟରେ ଲୋକଙ୍କୁ ଯୋଗାଇ ଦିଆଯିବ। ଛତ୍ରପୁର, ଖଲ୍ଲିକୋଟ, ଦିଗପହଣ୍ଡି, ଗୋଳନ୍ଥରାରେ ମଧ ଚାରା ବିକ୍ରୟ କେନ୍ଦ୍ର ଖୋଲାଯିବ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କିସମର ଚାରା ପ୍ରସ୍ତୁତ କରାଯାଇଛି। ଚଳିତ ବନ ମହୋତ୍ସବରେ ଲୋକେ ନିଜ ବାରିରେ ଅତି କମରେ ଗୋଟିଏ ଚାରାରୋପଣ କରିବାକୁ ବନଖଣ୍ଡ ଅଧିକାରୀ ବେହେରା ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଞ୍ଜର ଏ.ରାଜାରାଓ ସୁବୁଦ୍ଧି,ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସଂପାଦକ ଏମ୍.ଦିଲୀପ କୁମାର, ମାରୱାଡି ମହିଳା ସମିତିର ସଭାନେତ୍ରୀ ମମତା ଚୌଧୁରୀ, ସମ୍ପାଦିକା ରୁବି ଖେମାଣୀ, ଦିଗାମ୍ବର ପାତ୍ର, ରାଜିବ ପାତ୍ରଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

# କମାପଲ୍ଲୀ ପୋଖରୀ ପୁନରୁଦ୍ଧାର ଦାବିକଲା ଭାଜପା

ବ୍ରହ୍ମପୁର ଅଫିସ,୩।୭

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା ପୋଖରୀଗୁଡ଼ିକ ପୁନରୁଦ୍ଧାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ହେଲା ଅବହେଳିତ ହୋଇ ପଡ଼ିଥିବା କମାପଲ୍ଲୀ ପୋଖରୀ ପୁନରୁଦ୍ଧାର ନିମନ୍ତେ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ବୁଧବାର ଭାଜପା କମାପଲ୍ଲୀ ମଣ୍ଡଳ ପକ୍ଷରୁ ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଏମସି ଡେପୁଟି କମିଶନର ସୌରିନ୍ଦ୍ର ରାଉତରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମାପଲ୍ଲୀ ସମେତ ଗୋଇଲୁଣ୍ଡି, ରାମନଗର, କୋର୍ଟପେଟା, ଫରେଷ୍ଟ କଲୋନୀ, ଟାଟାବେଞ୍ଜି, ଅନନ୍ତ ନଗର, ଗୋଦାବରୀଶ ନଗର, ଅରବିନ୍ଦ ନଗର, ବଡଖେମୁଣ୍ଡି ସାହି, ଜନନା ହସ୍ପିଟାଲ ରୋଡ, ହାତୀବନ୍ଧ ସାହି ଆଦି ଅଞ୍ଚଳବାସୀ ଏହି ପୋଖରୀ ଉପରେ ନିର୍ଭରଶୀଳ। ବର୍ତ୍ତମାନ ପୋଖରୀଟି ପଙ୍କରେ ପୋତି ହୋଇଛି। ବହୁବାର ଅବଗତ ପରେ ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି, ପ୍ରଭାତ କିରଣ ଷଡଙ୍ଗୀ, ବିକାଶ ପାଣିଗ୍ରାହୀ, ସିଦ୍ଧାନ୍ତ ଗଙ୍ଗଦେଓ, ଶିବ ଅଧିକାରୀ, କିରଣ କୁମାର ସାହୁଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଭାଜପା କମାପଲ୍ଲୀ ମଣ୍ଡଳର କର୍ମକର୍ତ୍ତା।




# ଗଛ ତଳେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ

**ଖଜୁରିପଡ଼ା,୩।୭(ଡି.ଏନ୍.ଏ.)**

ସମସ୍ତଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ପାଇଁ ସରକାର ବହୁ ଯୋଜନା କରୁଛନ୍ତି। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ମାଗଣାରେ ଶିକ୍ଷା ସହ ପାଠ୍ୟ ଉପକରଣ, ସାଇକେଲ ପ୍ରଦାନ, ପୋଷାକ, ମଧ୍ୟାହ୍ନଭୋଜନ ଆଦି ବିଭିନ୍ନ ଯୋଜନା କରି ବହୁ ଅର୍ଥ ମଧ୍ୟ ଏବାବଦରେ ବ୍ୟୟ କରୁଛନ୍ତି। ମାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଖାମଖିଆଲି ନୀତି ହେଉ କିମ୍ବା ସରକାରୀ ଉଦାସୀନତାରୁ ଏବେବି ବହୁ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। କେଉଁଠି ଶ୍ରେଣୀଗୃହ ଅଭାବ ତ ଆଉକେଉଁଠି ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଅଣଦେଖା ମଧ୍ୟ କରାଯାଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ତୁଡିମେଣ୍ଡି ପଞ୍ଚାୟତ ସନ୍ଧେପଦର ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟଟି ଜାତୀୟ ରାଜପଥ କଡରେ ଅବସ୍ଥିତ। ଏଠାରେ ୨ଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ। ବିଦ୍ୟାଳୟର ପାଚେରି ନାହିଁ। ଏହାସହ ଛାତ୍ରୀଛାତ୍ରଙ୍କୁ ଗଛ ତଳେ ଓଦା ମାଟିରେ ବସାଇ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଛି। ବସଲକୁମ୍ପା ସରପଞ୍ଚ ଅଜୟ କୁମାର ଶିକ୍ଷୟିତ୍ରୀମାନଙ୍କୁ ଏନେଇ ପଚାରିବାରୁ ସେ କର୍ଣ୍ଣପାତ କରିନଥିବା ସରପଞ୍ଚ କହିଛନ୍ତି। ଏନେଇ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ବାରଣ୍ଡାରେ ପାରା ଅପରିଷ୍କାର କରୁଥିବାରୁ ପିଲାମାନେ ଖାଇବାକୁ ଅମଙ୍ଗ ହେଉଥିବା କହିଥିଲେ। ପ୍ରକାଶ ଯେ, ଖଜୁରିପଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇବାକୁ କକ୍ଷ ନାହିଁ ବହୁ ସ୍ଥାନରେ ରୋଷେଇ ଘର ମଧ୍ୟ ନାହିଁ ଫଳରେ ପିଲାମାନେ ଗଛତଳେ ବସି ଖାଉଛନ୍ତି।



ଗଛତଳେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଉଛି।

# କ୍ଷେତ୍ର ପରିଦର୍ଶନ କଲେ ରାଜସ୍ୱ କମିଶନର

**ଆସିକା,୩।୭(ଡି.ଏନ୍.ଏ.)**

ଆସିକା ବାଲିପଦର ମୁଖ୍ୟ ରାସ୍ତାର ବାବନପୁର ସଂଲଗ୍ନ ଗଡଗଡିଆ ପାହାଡ ପାଦ ଦେଶରେ ଆସିକା ଏନ୍ଏସି ପକ୍ଷରୁ ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ ଲାଗି ସ୍ଥାନ ଚିହ୍ନଟ ହୋଇଛି। ବୁଧବାର ମଧ୍ୟାହ୍ନରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତେନଜନ୍ ୱାପଙ୍ଗ ଉକ୍ତ କ୍ଷେତ୍ର ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରି ଫେରିଛନ୍ତି। ଆସିକା ଏନ୍ଏସି ପକ୍ଷରୁ ବର୍ତ୍ତମାନ ୩.୫ ଏକର ଜମିରେ ସହରର ଆବର୍ଜନା ଜମା କରାଯାଉଥିବା ବେଳେ ନୂତନ ପ୍ରକଳ୍ପ ଲାଗି ୫ ଏକର ଜମିର ଆବଶ୍ୟକତା ଥିବା ଏନ୍ଏସି ପକ୍ଷରୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କମିଶନର ୱାପଙ୍ଗ ଏହି ଜମି ସମ୍ପର୍କରେ ଘଟଣାସ୍ଥଳରେ ଉପସ୍ଥିତ ଆସିକା ତହସିଲଦାରଙ୍କୁ ପଚାରି ବୁଝିବା ସହ ତୁରନ୍ତ ଉକ୍ତ ଜମି ଏନ୍ଏସିକୁ ହସ୍ତାନ୍ତର ଲାଗି ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଛଡା ସେ ପ୍ରକଳ୍ପ ସମ୍ପର୍କରେ ଏନ୍ଏସିର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ବୁଝିବା ସହ ଆବର୍ଜନା ନିଷ୍କାସନ ଲାଗି କଣ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ। ସୂଚନା ଯୋଗ୍ୟ ଯେ, ଏନ୍ଏସି ପକ୍ଷରୁ ଏଠାରେ ନିର୍ମାଣ ହେବାକୁ ଥିବା ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ଆସିକା ଏନ୍ଏସି ସମେତ ଆଖପାଖର ବର୍ଯ୍ୟବସ୍ତୁ ପରିଚାଳନା ସହ ସେଠାରେ ଏକ ପ୍ରକଳ୍ପ ମାଧ୍ୟମରେ ବର୍ଯ୍ୟବସ୍ତୁରୁ ସାର ଉତ୍ପାଦନ ଲାଗି ମଧ୍ୟ ଯୋଜନା ରହିଛି। ରାଜସ୍ୱ କମିଶନରଙ୍କ ସହ ଆସିକା ତହସିଲଦାର ସୁବାଷ ଚନ୍ଦ୍ର ସେଠିଆ, ଏନ୍ଏସି କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀ ସିଂ ସାମିଲ ଥିଲେ।



ରାଜସ୍ୱ କମିଶନର କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# କୁକୁଡ଼ା ଫାର୍ମକୁ ଗ୍ରାମବାସୀଙ୍କ ବିରୋଧ

**ପାତ୍ରପୁର, ୩।୭(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସୁରଙ୍ଗି ପଞ୍ଚାୟତ ବୃନ୍ଦାବନ ନଗରରେ କୁକୁଡ଼ା ଫାର୍ମ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗାଁରେ କୁକୁଡ଼ା ଫାର୍ମ ହେଲେ ଦୁର୍ଗନ୍ଧରେ ଗ୍ରାମବାସୀ କିଭଳି ରହିବେ ବୋଲି କାମ ଆରମ୍ଭରୁ ଏହାକୁ ବିରୋଧ କରାଯାଇଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଗ୍ରାମବାସୀ ରହିଥିବା ବେଳେ ମୁଖ୍ୟ ରାସ୍ତାରେ ଜଣେ ବ୍ୟକ୍ତି କୁକୁଡ଼ା ଫାର୍ମ କରିବାକୁ ଜମି ସଫା କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ବିରୋଧ କରୁଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ, ଆଞ୍ଚଳିକ ପ୍ରଦୂଷଣ ବୋର୍ଡ, ଜିଲାପାଳ, ଉପଜିଲାପାଳ, ତହସିଲଦାର, ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରମୁଖଙ୍କୁ ଅଭିଯୋଗ କରାଯାଇଛି। ଏହା ବନ୍ଦ ନ ହେଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ